# ୨୭

# ସାମାଜିକ ପରିବର୍ତ୍ତନ

୨୬ତମ ଅଧ୍ୟାୟରେ ତୁମ୍ଭେମାନେ ଉନ୍ନବିଂଶ ଶତାବ୍ଦୀରେ ହୋଇଥିବା ଔପନିବେଶକ ବିସ୍ତାର ତଥା ପୁଞ୍ଜିବାଦୀ ଔଦ୍ୟୋଗୀକରଣ ଫଳସ୍ୱରୂପ ହୋଇଥିବା ପରିବର୍ତ୍ତନ ଅଧ୍ୟୟନ କଲା ପରେ ଉକ୍ତ ଅଧ୍ୟାୟରେ ଆମ୍ଭେ ବିଂଶଶତାବ୍ଦୀରେ ଉକ୍ତ ସାମାଜିକ ପ୍ରକ୍ରିୟାର ତୀବ୍ରତା ଏବଂ ଗଭୀର ପ୍ରଭାବର ଅଧ୍ୟୟନ କରିବା ଯାହାକି ଉନ୍ନବିଂଶ ଶତାବ୍ଦୀର ପରିଚୟ ପ୍ରଦାନକରି ମାନବ ଜୀବନ ଉପରେ ପ୍ରଗାଢ଼ ପ୍ରଭାବ ପକାଇଥିଲା ।

ବିଂଶଶତାବ୍ଦୀର ଶେଷ ଦଶକ ୟୁରୋପରେ ସମାଜବାଦୀ ସମାଜ ଏବଂ ପୁଞ୍ଜିବାଦୀ ଜନମଙ୍ଗଳ ପତନ ହୋଇଥିଲା । ଏହାଦ୍ୱାରା ପୁଞ୍ଜିବାଦୀ ଦେଶ ମାନଙ୍କରେ ଏବଂ ପୁଞ୍ଜିବାଦୀ ଦେଶମାନଙ୍କ ରାଜ୍ୟରେ ଘୋର ଅସାମାନତା ବୃଦ୍ଧି ପାଇଥିଲା । ଆମ୍ଭେ ଏହା ବିଷୟରେ କିଛି ଜାଣିବା ସହିତ ପୁଞ୍ଜିବାଦ ତଥା ସମାଜବାଦୀ ସଂଗଠନ ଗୁଡ଼ିକର ଭିନ୍ନତା ଏବଂ ସାମାଜିକ ପରିବର୍ତ୍ତନ ଗୁଡ଼ିକର ମଧ୍ୟ ଅଧ୍ୟୟନ କରିବା ।

## ଉଦ୍ଦେଶ୍ୟ:

**ଉକ୍ତ ପାଠ ଅଧ୍ୟୟନ କରିବାପରେ ତୁମେ**

- ଔଦ୍ୟୋଗୀକରଣର ବିକାଶ ଦ୍ୱାରା ବିଶ୍ୱର ଅଧିକାଂଶ ଭାଗରେ ହୋଇଥିବା ମୌଳିକ ସାମାଜିକ ପରିବର୍ତ୍ତନ ବିଷୟରେ ଆଲୋଚନା କରିପାରିବ ।
- ଜାଣିପାରିବ ଯେ ପ୍ରଥମରୁ ବିକଶିତ ଦେଶ ତଥା ବିଂଶଶତାବ୍ଦୀରେ ଉପନିବେଶ ବାଦର ମୁକ୍ତ ହୋଇଥିବା ଦେଶ ମଧ୍ୟରେ ଥିବା ବିକାଶର ଅନ୍ତର ।
- ସମୟ ସହିତ ବିକଶିତ ଦେଶମାନଙ୍କରେ ହୋଇଥିବା ପରିବର୍ତ୍ତନର ମଧ୍ୟ ଅଧ୍ୟୟନ କରିପାରିବା
- ପୁଞ୍ଜିବାଦୀ ତଥା ସମାଜବାଦୀ ଦେଶମଧ୍ୟରେ ଥିବା ପ୍ରଭେଦ ମଧ୍ୟ ସ୍ପଷ୍ଟ କରିପାରିବା ।

## ୨୭.୧. ଜନସଂଖ୍ୟାରେ ପରିବର୍ତ୍ତନ

ଉନ୍ନବିଂଶ ଶତାବ୍ଦୀରେ ଦେଖା ଦେଇଥିବା ଜନସଂଖ୍ୟାରେ ପରିବର୍ତ୍ତନ ମଧ୍ୟ ପରବର୍ତ୍ତୀ ଶତାବ୍ଦୀରେ ଜାରିରହିଥିଲା । ଉନବିଂଶ ଶତାବ୍ଦୀର ନବେ ଦଶକରେ ବିଶ୍ୱର ଜନସଂଖ୍ୟା ୫ ରୁ ୯ ବିଲିୟନ ଥିବାବେଳେ ପ୍ରଥମ ବିଶ୍ୱଯୁଦ୍ଧ ବେଳକୁ ଏହା ତିନିଗୁଣରେ ପରିଣତ ହୋଇଥିଲା ଏହି ବିଶାଳ ଜନସଂଖ୍ୟା ପ୍ରାୟ ୧୮.୭୦ କୋଟୀ ଲୋକଙ୍କ ସ୍ୱାଭାବିକ ଏବଂ ଅନ୍ୟାନ୍ୟ କାରଣ ପାଇଁ ମୃତ୍ୟୁ ସତ୍ତ୍ୱେ ସମ୍ଭବ ହୋଇଥିଲା ।

ବିଂଶ ଶତାବ୍ଦୀରେ ବିଶ୍ୱ ଜନସଂଖ୍ୟାର ଅଭିବୃଦ୍ଧି ଦେଖା ଦେଇଥିଲା । ପଶ୍ଚିମ ୟୁରୋପ ତଥା ଉତ୍ତର ଆମେରିକାରେ ଏହା ସାଧାରଣତଃ ଉନ୍ନତି ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶିଶୁ ମୃତ୍ୟୁହାରରେ ହ୍ରାସ ଏବଂ ସର୍ବୋପରି ସାମଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ସମ୍ଭବ ହୋଇଥିଲା । ପୂର୍ବ ୟୁରୋପ ତଥା ଅନ୍ୟ ମହାଦେଶରେ ଏହି ଅଭିବୃଦ୍ଧିର ମୁଖ୍ୟ କାରଣଥିଲା ଜନ୍ମହାରରେ ଦ୍ରୁତ ବୃଦ୍ଧି ।



ଟିପ୍ପଣୀ

୧୯୩୦ ଠାରୁ ପୂର୍ବ ୟୁରୋପରେ ଜନସଂଖ୍ୟା ବୃଦ୍ଧି ନିମ୍ନମାନର ଥିଲା ଏବଂ ୧୯୭୦ ସୁଦ୍ଧା ସାରା ୟୁରୋପରେ ପ୍ରଜନନ ହାର ଅତି ନିମ୍ନ ସ୍ତରରେ ଥିଲା କିନ୍ତୁ ନ୍ୟୁନ୍ୟ ମୃତ୍ୟୁହାର ଏହାକୁ ସନ୍ତୁଳିତ କରିଥିଲା । ତେଣୁ ବିକଶିତ ଦେଶମାନଙ୍କରେ ଜନସଂଖ୍ୟାର ବୃଦ୍ଧି ହୋଇଥିଲା ।

ବିଂଶ ଶତାବ୍ଦୀର ଦୁଇ ବିଶ୍ୱଯୁଦ୍ଧ ୟୁରୋପର ଜନସଂଖ୍ୟା ବୃଦ୍ଧିରେ ନାକରାତ୍ମକ ପ୍ରଭାବ ପକାଇଥିଲା । ଯୁଦ୍ଧରେ ବହୁଲୋକଙ୍କ ମୃତ୍ୟୁ, ବିଳମ୍ବରେ ବିବାହ ଏବଂ ପାରିବାରିକ ଜୀବନରେ ଅସ୍ଥିରତା ଏହାର ମୁଖ୍ୟ କାରଣଥିଲା ।

୧୯୪୫ ପରେ ବିକାଶଶୀଳ ଦେଶମାନଙ୍କରେ ପାଶ୍ଚାତ୍ୟ ତୁଳନାରେ ବହୁ ଅଧିକ ଜନସଂଖ୍ୟା ବୃଦ୍ଧି ଦେଖାଯାଇଥିଲା । ବିଂଶ ଶତାବ୍ଦୀର ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା ସହିତ ପ୍ରଚୀନ କୃଷିଭିତ୍ତିକ ସମାଜିକ ବ୍ୟବସ୍ଥା (ଯେଉଁଥିରେ ସାମାଜିକ ସୁରକ୍ଷା ଓ କୃଷିର ଉନ୍ନତି ପାଇଁ ଅଧିକ ପିଲା ଚାହୁଁଥିଲେ) କ୍ଷିପ୍ର ଜନସଂଖ୍ୟା ବୃଦ୍ଧିର କାରଣ ହୋଇଥିଲା ।

ତୁଳନାକଲେ ଦେଖାଯାଏ ଯେ ଶତାବ୍ଦୀ ଶେଷ ବେଳକୁ ପାଶ୍ଚାତ୍ୟ ଦେଶମାନଙ୍କରେ ସମଗ୍ର ବିଶ୍ୱର ୧/୯ଭାଗ ଲୋକ ବସବାସ କରୁଥିଲେ ।

ଜନସଂଖ୍ୟାରେ ପରିବର୍ତ୍ତନ ମାନବର ବସତି ତଥା ଜନସଂଖ୍ୟା ବିତରଣକୁ ମଧ୍ୟ ପ୍ରଭାବିତ କରିଥିଲା । ଉଦାହରଣ ସ୍ୱରୂପ ପ୍ରବାସ ବା ସ୍ଥାନାନ୍ତିକରଣ ବିଂଶଶତାବ୍ଦୀର ଜନସଂଖ୍ୟା ବିତରଣକୁ ବହୁଳଭାବରେ ପ୍ରଭାବିତ କରିଥିଲା । ୧୯୦୧ ରୁ ୧୯୧୫ ମଧ୍ୟରେ ୟୁରୋପରୁ ବହୁମାତ୍ରାରେ ଲୋକ ପଳାୟନ କରୁଥିଲେ ଏବଂ ଉତ୍ତର ୟୁରୋପରେ ଲୋକମାନଙ୍କର ଯିବା ଆସିବା ଲାଗିରହିଥିଲା କିନ୍ତୁ ପଶ୍ଚିମ ୟୁରୋପରେ ପ୍ରବାସୀଙ୍କ ସଂଖ୍ୟା ବହୁ ଅଧିକ ହୋଇଥିଲା କାରଣ ସେଠାରୁ କେହି ପ୍ରାୟ ଯାଉନଥିଲେ । ଏହା ସାଧାରଣତଃ ଶ୍ରମ ଚାହିଦାର ହ୍ରାସ ବୃଦ୍ଧି ତଥା ରାଜନୈତିକ ପ୍ରଭାବ ଉପରେ ଆଧାରିତ ଥିଲା । ଉଦାହରଣ ସ୍ୱରୂପ ନାଜୀ ନୀତି ଜର୍ମାନୀର ଇହୁଦୀ, ଅଳ୍ପସଂଖ୍ୟକ ତଥା ରାଜନୈତିକ ଅପରାଧୀଙ୍କ ଜର୍ମାନଛାଡ଼ିବାର ମୁଖ୍ୟ କାରଣ ଥିଲା ଅନ୍ୟପକ୍ଷରେ ଯୁଦ୍ଧ ପରର ପୂନଃନିର୍ମାଣ (Reconstruction ) ପାଇଁ ବହୁସଂଖ୍ୟକ ତୁର୍କ ଶ୍ରମିକ ଜର୍ମାନ ଆସିଥିଲେ । ଋଷ ଏବଂ ସ୍ପେନ୍‌ରେ ହୋଇଥିବା ଗୃହଯୁଦ୍ଧ ମଧ୍ୟ ଦେଶାନ୍ତର ଗାମନକୁ ଉତ୍ସାହିତ କରିଥିଲା ।

ଏଣୁ ଆମ୍ଭେ ଦେଖିଲୁଯେ ଜନସଂଖ୍ୟାରେ ବୃଦ୍ଧି ଏବଂ ସ୍ଥାନାନ୍ତରିକରଣ କେତେକ ମହତ୍ୱପୂର୍ଣ୍ଣ ଘଟଣା ଉପରେ ନିର୍ଭର କରେ । ଏବେ ପ୍ରଶିକ୍ଷିତ ଓ କୁଶଳି ମଧ୍ୟବର୍ଗ ଗରିବ ରାଷ୍ଟ୍ରର ଲୋକମାନେ ପାଶ୍ଚାତ୍ୟ ଧନଶାଳୀ ରାଷ୍ଟ୍ରକୁ ପଳାୟନ କରୁଛନ୍ତି କିନ୍ତୁ ଗରିବ ଲୋକଙ୍କ ପାଇଁ ଉକ୍ତ ରାଷ୍ଟ୍ରର ଆଇନକାନୁନ ବାଧକ ସାଜୁଛି । ଏଥିସତ୍ତ୍ୱେ ଗରିବ ଲୋକମାନେ କିଛି ସଂଖ୍ୟାରେ ମଧ୍ୟ ପ୍ରାଚ୍ୟକୁ ଯିବାପାଇ ସକ୍ଷମ ହେଉଛନ୍ତି ।

ପୁତ୍ର ସନ୍ତାନ ଇଚ୍ଛା ଆଶା ଭାରତ ଏବଂ ଚୀନ ପରି ଦେଶରେ ଲିଙ୍ଗ ସମାନୁପାତିକକୁ ନଷ୍ଟକରି ଦେଇ ଅଛି ଏବଂ ଏହା ଏକ ଚିନ୍ତାର ବିଷୟ ହୋଇଯାଇଛି ।

## ୨୭.୨ ସହରୀଜୀବନ

ଆଧୁନିକ ସହରୀଜୀବନ ପୁଞ୍ଜିବାଦୀ ଔଦ୍ୟୋଗିକରଣ ସହିତ ଜଡ଼ିତ । ସହରୀକରଣର ଅର୍ଥହେଲା ସହରର ବୃଦ୍ଧି ହେବା ସହିତ ଗ୍ରାମ ଜନସଂଖ୍ୟା ବୃଦ୍ଧି ଠାରୁ ସହର ଜନସଂଖ୍ୟାରେ ଦୃତ ଅଭିବୃଦ୍ଧି । ତେଣୁ ସହରୀକରଣ ପ୍ରାକୃତିକ ସ୍ୱାଭାବିକ ଜନସଂଖ୍ୟା ବୃଦ୍ଧିର ଫଳାଫଳ ନୁହେଁ ବରଂ ଔଦ୍ୟୋଗିକରଣ ଓ ଆର୍ଥିକ ଅଭିବୃଦ୍ଧିପାଇଁ

ଗ୍ରାମବାସୀ ସହରରେ ଯାଇ ବସବାସ କରିବା ତୁମ୍ଭେମାନେ ଏହି ପ୍ରକ୍ରିୟା ବିଷୟରେ ୟୁନିଟ୍ ୧ ରେ କିଛି ପଢ଼ିଅଛ । ଏହି ପ୍ରକ୍ରିୟା ସାରା ବିଶ୍ୱ ତଥା ସମଗ୍ର ୟୁରୋପରେ ବା ଏକ ଦେଶରେ ଏକା ପ୍ରକାର ନୁହେଁ, ଏବଂ ଏହି ପ୍ରକ୍ରିୟା ଅଚାନକ ଆସିନଥିଲା ।

ଔଦ୍ୟାଗୀକରଣ ତଥା ଅନୌଦିଗିକରଣ ଏବଂ କୃଷି ଯାନ୍ତ୍ରୀକକରଣ ତଥା ସାଧାରଣ କୃଷି କ୍ଷେତ୍ରରେ ଉକ୍ତ ପରିବର୍ତ୍ତନର ଘୋର ଅସମାନତା ଦେଖାଯାଏ । ଔଦ୍ୟୋଗିକରଣ ଦ୍ୱାରା ବହୁଲୋକ ଉତ୍ପାଦାନ ତଥା ସେବା କ୍ଷେତ୍ରରେ ନିଯୁକ୍ତି ପାଇଥାଆନ୍ତି କାରଣ ଉଭୟ ସହରରେ କେନ୍ଦ୍ରିଭୂତ ହୋଇଥାଏ ।

ସର୍ବପ୍ରଥମେ ଔଦ୍ୟୋଗୀକରଣ ହେଇଥିବା ଦେଶ ଇଂଲଣ୍ଡରେ ୧୯୦୦ ମସିହା ବେଳକୁ ସର୍ବବୃହତ୍ତ ଔଦ୍ୟୋଗିକ ରାଷ୍ଟ୍ରର ମାନ୍ୟତା ପାଇଥିଲା କାରଣ ଏହାର ପ୍ରାୟ ୭୭% ଲୋକ ସହରରେ ବସବାସ କରୁଥିଲେ ଅନ୍ୟପକ୍ଷରେ ଦୃତଗତିରେ ଔଦ୍ୟୋଗିକରଣ ହୋଇଥିବା ଜର୍ମନୀର ମାତ୍ର ୫୬% ଲୋକ ସହରରେ ବସବାସ କରୁଥିଲେ । ଅନ୍ୟ ଦେଶ ମାନଙ୍କରେ ୫୦ପ୍ରତିଶତରୁ କମ୍ ଲୋକ ସହରରେ ରହୁଥିଲେ । ଉକ୍ତ ଶତାବ୍ଦୀ ପ୍ରାରମ୍ଭରେ ସାରା ବିଶ୍ୱକୁ ପରିଗଣନା କଲେ ଜଣାଯାଏ ଯେ ପ୍ରାୟ ୭୦ ପ୍ରତିଶତ ଲୋକ ଏବେବି ଗ୍ରାମରେ ବସବାସ କରୁଛନ୍ତି ।

ବିଂଶ ଶତାବ୍ଦୀରେ ବିଜ୍ଞାନ ତଥା କାରିଗରି କୌଶଳର ପରିବର୍ତ୍ତନ ହେତୁ ଉତ୍ପାଦାନରେ ବୃଦ୍ଧି ଘଟିବା ସହିତ ସହରୀକରଣ ଆହୁରି ବିସ୍ତାର ଲାଭ କରିଅଛି ।

ଇଂଲଣ୍ଡ ଏବଂ ଆମେରିକାରେ ବିଶଂଶତାବ୍ଦୀର ସପ୍ତମ ଦଶକରେ ୯୫%ରୁ ଉର୍ଦ୍ଧ୍ୱ କାର୍ଯ୍ୟରତ ଲୋକମାନେ ଉତ୍ପାଦାନ ତଥା ସେବା କ୍ଷେତ୍ରରେ କାର୍ଯ୍ୟରତ ଥିଲେ ଏବଂ କୃଷି କ୍ଷେତ୍ରରେ ମାତ୍ର ୫% ଲୋକ ନିଯୁକ୍ତ ଥିଲେ । ସେହିପରି ୟୁରୋପରେ ( ଋଷିଆ ବ୍ୟତୀତ) ଅଷ୍ଟମ ଦଶନ୍ଧିର ମଧ୍ୟ ଭାଗରେ ୭୦ ପ୍ରତିଶତରୁ ଅଧିକ ଲୋକ ସହରରେ ବସବାସ କରୁଥିଲେ ଏବଂ ଜାପାନର ୮୦ ପ୍ରତିଶତରୁ ଅଧିକ ଲୋକ ଉତ୍ପାଦାନ ତଥା ସେବା କ୍ଷେତ୍ରରେ ଥିବାବେଳେ ୨୦ ପ୍ରତିଶତରୁ କମ୍ ଲୋକ କୃଷିକ୍ଷେତ୍ରରେ ଥିଲେ ।

ଋଷରେ ୧୯୧୭ ବେଳକୁ ଅଧିକାଂଶ ଲୋକ ଗ୍ରାମରେ ବସବାସ କରୁଥିଲେ ଯଦିଓ ୧୯୩୦ ପରେପରେ ଏବଂ ଶତାବ୍ଦୀର ଶେଷାର୍ଦ୍ଧରେ ଦୃତଗତିରେ ଔଦ୍ୟେଗୀକରଣ ବିସ୍ତାର ଲାଭ କରିଥିଲା । ଭାରତ ସହିତ ଏସିଆ ଓ ଆଫ୍ରିକାର ଅଧିକାଂଶ ଦେଶର କୃଷି ଏବେ ମଧ୍ୟ ଏକ ମୁଖ୍ୟ କ୍ଷେତ୍ର ଯେଉଁଥିରେ ଅଧିକାଂଶ ଲୋକ ନିଯୁକ୍ତି ପାଇଥାଆନ୍ତି ।

ସହରୀକରଣରେ ବଡ଼ବଡ଼ ସହରର ଅଭିବୃଦ୍ଧି ହେବା ସହିତ ଆମ ଭାରତଭଳି ବିକାଶଶୀଳ ଦେଶରେ ଛୋଟଛୋଟ ସହର ଅଭିବୃଦ୍ଧିକୁ ବୁଝାଇଥାଏ । ୧୯୦୦ ମସିହାରେ ୧୬ଟି ସହର ଏକଲକ୍ଷ୍ୟ ଜନସଂଖ୍ୟାରୁ ଅଧିକ ଥିବାବେଳେ ୧୯୫୦ରେ ଏହାର ସଂଖ୍ୟା ୯୭ ଥିଲା ଏବଂ ୧୯୮୫ରେ ଏହା ବୃଦ୍ଧିପାଇ ୨୫୦ରୁ ଅଧିକରେ ପହଞ୍ଚିଥିଲା । ୧୯୮୫ ବେଳକୁ ସାରା ପୃଥିବୀର ୪୦ ପ୍ରତିଶତ ଲୋକ ସହରରେ ବସବାସ କରୁଥିବା ବେଳେ ଏବେ ଏହା ୫୦ ପ୍ରତିଶତ ହୋଇଅଛି ।

ଏହି ପ୍ରବୃତ୍ତି ତୁମେ ଆମ ଦେଶରେ ମଧ୍ୟ ଦେଖିପାରିବ । ଏଠାରେ ହଜାର ହଜାର ସଂଖ୍ୟାରେ ଲୋକ ଚାକିରୀ ଏବଂ ଜିବିକା ଉଦ୍ଦେଶ୍ୟରେ ବଡ଼ବଡ଼ ସହରକୁ ପଳାୟନ କରୁଛନ୍ତି । ବାସ୍ତବରେ ବିକାଶଶୀଳ ଦେଶଗୁଡ଼ିକର କେତେକ ସହର ବିଶ୍ୱର ବଡ଼ବଡ଼ ନଗର ମାନଙ୍କ ମଧ୍ୟରେ ସ୍ଥାନ ପାଇଅଛି ଯଥା:- କଲିକତା, ଦିଲ୍ଲୀ, ମୁମ୍ବାଇ, କାୟୋର, ସଂଘାଇ, ନାଇରୋବି, ସେୟୋଲ, ବେଙ୍କକ୍ ଇତ୍ୟାଦି ।

ଟିପ୍ପଣୀ

### ପାଠଗତ ପ୍ରଶ୍ନ ୨୭.୧

୧. ଜନସଂଖ୍ୟା ବୃଦ୍ଧି କିପରି ବିଶ୍ୱଯୁଦ୍ଧଦ୍ୱାରା ପ୍ରଭାବିତ ହୋଇଥିଲା ?

........................................................................................

୨. ଜର୍ମାନୀର ରାଜନୈତିକ ଅବସ୍ଥା କିପରିଭାବେ ଦେଶାନ୍ତର ଗମନକୁ ପ୍ରଭାବିତ କରିଥିଲା ?

........................................................................................

୩. ସହରୀକରଣ କହିଲେ କ'ଣ ବୁଝ ?

........................................................................................

୪. ବିକାଶଶୀଳ ଦେଶମାନଙ୍କର ବଡ଼ବଡ଼ ସହରର ନାମ ବର୍ଣ୍ଣନା କର ।

........................................................................................

## ୨୭.୩ ଆଧୁନିକ ସାମାଜିକ ବର୍ଗ / ଶ୍ରେଣୀ

ପୁଞ୍ଜିବାଦୀ ଔଦ୍ୟୋଗୀକରଣ ଦ୍ୱାରା ଆଧୁନିକ ସାମାଜିକ ବର୍ଗ ବା ଶ୍ରେଣୀର ସୃଷ୍ଟି ହେଲା । ପୂର୍ବରୁ ଥିବା ସାମାଜିକ ଶ୍ରେଣୀ ବା ବ୍ୟବସ୍ଥା ରୂପାନ୍ତରିତ ହୋଇ ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥା ତଥା ପୁଞ୍ଜିବାଦୀ ସମାଜରେ ପରିଣତ ହେବା ସହିତ ଦୁଇଟି ନୂଆ ସାମାଜିକ ଶ୍ରେଣୀ ସୃଷ୍ଟିକଲା । ସେଗୁଡ଼ିକ ହେଲା ମଧ୍ୟବିତ ଶ୍ରେଣୀ ଏବଂ ଶ୍ରମିକ ଗୋଷ୍ଠୀ । ପୂର୍ବ ପୁଞ୍ଜିବାଦ ବ୍ୟବସ୍ଥାରେ ଭୂସମ୍ପତ୍ତି ତଥା ଭୂମାଲିକ ନିଜ ନିଜର ଆଧିପତ୍ୟ ବିସ୍ତାର କରିଥିଲେ । ଉକ୍ତ ବ୍ୟବସ୍ଥା ବିଶ୍ୱର ବିଭିନ୍ନ ଅଞ୍ଚଳରେ ପୁଞ୍ଜିବାଦ ଉଦ୍ୟୋଗୀକରଣର ପ୍ରସାର ହେବା ଦ୍ୱାରା ଅତି ଗୁରୁତର ଭାବରେ ପ୍ରଭାବିତ ହେଲା । ଜନସଂଖ୍ୟା ତଥା ସହରୀକରଣରେ ପରିବର୍ତ୍ତନ ସଙ୍ଗେସଙ୍ଗେ ସାମାଜିକ ବ୍ୟବସ୍ଥାରେ ତତ୍‌କ୍ଷଣାତ୍ ତଥା ଏକ ପ୍ରକାରର ପ୍ରଭାବ ପକାଇ ନଥିଲା ।

ୟୁରୋପର ଅଧିକାଂଶ ସ୍ଥାନରେ ୧୯ଶହ ଶତାବ୍ଦୀ ଏକ ମହତ୍ତ୍ୱପୂର୍ଣ୍ଣ ଯୁଗ ଯାହାକି କୃଷି ସାମନ୍ତମାନଙ୍କ ଜୀବନ ଶୈଳିକୁ ପରିବର୍ତ୍ତନ କରିଥିଲା । ଇଂଲଣ୍ଡରେ ସେମାନେ ଆଧୁନିକ ଜମିଦାର ହୋଇ ତାଙ୍କର ଉପାର୍ଜନ ଭୂସମ୍ପତ୍ତି ତଥା ଅନ୍ୟାନ୍ୟ ପୁଞ୍ଜିବାଦୀ ବ୍ୟବସ୍ଥା ଯଥା:- ବାଣିଜ୍ୟ, ଖଣିଜ ଉତ୍ପାଦାନ, ରେଲୱେ ଇତ୍ୟାଦିରୁ କରୁଥିଲେ ବିଶଂ ଶତାବ୍ଦୀରେ ମଧ୍ୟ ଉକ୍ତ ଆଧୁନିକ ଜମିଦାରମାନେ ନିଜନିଜର ଆଧିପତ୍ୟ ବିସ୍ତାର କରି ରଖିଥିଲେ ।

ବିଶଂଶତାବ୍ଦୀର ଚତୁର୍ଥ ଦଶନ୍ଧି ବେଳକୁ କୃଷିକ୍ଷେତ୍ରରେ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ହେବା ପର୍ଯ୍ୟନ୍ତ ୟୁରୋପରେ କୃଷି ଶ୍ରମିକଙ୍କ ସଂଖ୍ୟା କମିନଥିଲା । ସେମାନଙ୍କର ଜମିଦାରମାନଙ୍କ ସହିତ ସମ୍ପର୍କ ସାମାଜିକ ତଥା ରାଜନୈତିକ କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ।

ବିଶଂଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସାରା ପଶ୍ଚିମ ଜଗତରେ କୃଷକଙ୍କ ସଂଖ୍ୟା ଉଭେଇଯିବା ସଙ୍ଗେ ସଙ୍ଗେ ଜାପନ ଏବଂ ଦକ୍ଷିଣ ପୂର୍ବ ଏସିଆରେ ଅତିମାତ୍ରାରେ କମିଯାଇଥିଲା । ଆଫ୍ରିକାର ସାହର ଅଞ୍ଚଳ, ଭାରତ ତଥା ଚୀନ୍‌ରେ ବହୁସଂଖ୍ୟକ କୃଷକ ରହିଥିଲେ ।





ତୃତୀୟ ବିଶ୍ୱର ଦେଶମାନଙ୍କ ମଧ୍ୟରୁ ବିଶେଷକରି ଏସିଆ ତଥା ଆଫ୍ରିକାର ସରକାରଙ୍କ ଆତ୍ମସମର୍ପଣ କୃଷି କ୍ଷେତ୍ରରେ ବିପଦ ସୃଷ୍ଟି କରିବା ସହିତ ଉକ୍ତ ଅଞ୍ଚଳର କୃଷକମାନଙ୍କୁ ହତାଶ କରିଥିଲା । ଏହାଦ୍ୱାରା କୃଷକଙ୍କ ମଧ୍ୟରେ ଭୂମିହୀନତା ବୃଦ୍ଧି ହେବା ସହିତ ବ୍ୟବସାୟିକ କୃଷି ଫସଲର ଅଭିବୃଦ୍ଧି ହୋଇ ଫସଲର ସ୍ଥାନାନ୍ତରଣ ହୋଇଥିଲା ବ୍ୟବସାୟୀକ କୃଷି ଫସଲର ଚାହିଦା ଅଗ୍ରଣୀ ୟୁରୋପୀୟ ଦେଶମାନଙ୍କରେ ଅଧିକ ଥିବାରୁ ଖାଦ୍ୟଶଶ୍ୟ ଉତ୍ପାଦାନରେ ବହୁପରିମାଣରେ ହ୍ରାସ ହୋଇଥିଲା ଯାହାର ପରିଣାମ ସ୍ୱରୂପ ଅଧିକାଂଶ କୃଷକମାନେ ଖାଦ୍ୟଶଶ୍ୟ ଉପଭୋଗ କରିବାରେ ଯଥେଷ୍ଟ ସ୍ଥିରତା ପରିଲିକ୍ଷିତ ହୋଇଥିଲା । ଉକ୍ତ ପରିସ୍ଥିତି ଦ୍ୱାରା ହଜାର ହଜାର କୃଷକ ଆତ୍ମହତ୍ୟା କରିବା ସହିତ ସମର୍ଥନ ମୂଲ୍ୟ (Support Price), ଉତ୍ପାଦାନମୂଲ୍ୟହ୍ରାସ ଏବଂ ଜଳ ଓ ଜଳସେଚନପାଇଁ ବିଦ୍ୟୁତ ଦାବିକରି ଅନେକଗୁଡ଼ିଏ କୃଷକ ଆନ୍ଦୋଳନ ଦେଖା ଦେଇଥିଲା । ଚୀନ୍ ନଜର କୃଷି ବ୍ୟବସ୍ଥାକୁ ରାଜନୀତିର ଏକ ଅପରିହାର୍ଯ୍ୟ ଅଙ୍ଗରେ ପରିଣତ କରିଥିଲା । କିନ୍ତୁ ଗତ ଦୁଇ ଦଶକରେ ବଜାରରେ ସୁଧାର, ବଜାର ସଂସ୍କାର ଏବଂ ଔଦ୍ୟୋଗୀକରଣପାଇଁ ଚାଷଜମିଉପରେ ଚାପ ଇତ୍ୟାଦି କୃଷକ ଅସନ୍ତୋଷକୁ ବୃଦ୍ଧି କରିଥିଲା ।

ବିଂଶ ଶତାବ୍ଦୀରେ ମଧ୍ୟବିତ ଶ୍ରେଣୀ ଏକ ପ୍ରଗତିଶୀଳ ତଥା କ୍ଷମତାଶାଳୀ ଗୋଷ୍ଠୀ ରୂପେ ମୁଣ୍ଡ ଟେକିଥିଲା । ଉନବିଂଶ ଶତାବ୍ଦୀ ଶେଷବେଳକୁ ସମଗ୍ର ପଶ୍ଚିମ ୟୁରୋପର ଧନୀଗୋଷ୍ଠୀ ତଥା ମଧ୍ୟବିତ୍ତ ପ୍ରଭାବଶାଳୀ ଲୋକମାନେ ସାଧାରଣତଃ ପୁଞ୍ଜିପତି, ଉଦ୍ୟୋଗପତି, କାରଖାନା ମାଲିକ, ବ୍ୟାଙ୍କଅଧିକାରୀ ତଥା ଖଣି ଅଧିକାରୀ ହୋଇଥିଲେ । ବ୍ୟବସାୟୀ, ପ୍ରବନ୍ଧକ, ଓକିଲ, ଡ଼ାକ୍ତର, ଇଂଜିନିୟର, ଶିକ୍ଷକ ତଥା ଅନ୍ୟାନ୍ୟ ଚାକିରୀଆମାନେ ମଧ୍ୟବିତ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ ହୋଇଥିଲେ । ଶିକ୍ଷାର ପ୍ରସାର ସହିତ ଉକ୍ତ ଶ୍ରେଣୀର ଲୋକମାନଙ୍କର ମଧ ସଂଖ୍ୟା ବୃଦ୍ଧି ହୋଇଥିଲା । ବିଂଶଶତାବ୍ଦୀ ବେଳକୁ କମ ବେତନ ଭୋଗି ନିମ୍ନ ମଧ୍ୟବିତ ଶ୍ରେଣୀର ଆର୍ବିଭାବ ହୋଇଥିଲା । ଉକ୍ତ ଗୋଷ୍ଠୀ ସର୍ବାଧିକ ଅସୁରକ୍ଷିତ ତଥା ଅର୍ଥବ୍ୟବସ୍ଥାରେ ଅଗ୍ରଗତି ତଥା ଅଧୋଗତି ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହେଉଥିଲେ ।

ପାରିଶ୍ରମିକ ଉପରେ ନିର୍ଭର କରୁଥିବା ଶ୍ରମିକଗୋଷ୍ଠୀର ସୃଷ୍ଟି ପୁଞ୍ଜିବାଦୀ ଉଦ୍ୟୋଗ ସହିତ ଜଡ଼ିତ ଥିଲା । ତତ୍‌କ୍ଷଣାତ ତଥା ଏକସଂଗରେ ସମସ୍ତ ଶିଳ୍ପନୁଷ୍ଠାନ ଯାନ୍ତ୍ରୀକ କରଣ ଦ୍ୱାରା ପ୍ରଭାବିତ ହୋଇନଥିବାରୁ ସାରା ୟୁରୋପର ଶ୍ରମିକଶ୍ରେଣୀ ସନ୍ତୁଷ୍ଟ ତଥା ଭିନ୍ନ ହୋଇ ରହିଥିଲେ ।

ବୃହତ ଶିଳ୍ପନୁଷ୍ଠାନର ସ୍ଥାପନ ହେତୁ କିଛି କୁଶଳୀ ହସ୍ତଶିଳ୍ପର ବିନାସ ଘଟିବା ସହିତ ନୂତନ ଯୋଗ୍ୟତାର ଆବଶ୍ୟକତା ଉପଲବ୍‌ଧି ହୋଇଥିଲା । ନୂତନ ଦକ୍ଷ ଶ୍ରମିକମାନେ ଧାତୁ, ଇଲେକ୍‌ଟ୍ରିକ୍ ଏବଂ ପରେପରେ ଇଲେକ୍‌ଟ୍ରୋନିକ୍‌ସ, ପ୍ରତିଷ୍ଠାନ ସହିତ ଜଡ଼ିତ ହୋଇଥିଲେ । କିନ୍ତୁ ଏକ ସମୟରେ କୁଶଳୀ କାରିଗର, ଗୃହଚାକର, ଦର୍ଜି, ଧୋବା, ଛପାଖାନା କାରିଗର ରାଜମିସ୍ତ୍ରୀ ତଥା ଶ୍ରମିକ, ଡ଼ାକ କର୍ମଚାରୀ, ରେଳ କର୍ମଚାରୀ, ଖଣି ଶ୍ରମିକ ତଥା କୁଶଳୀ ଓ ଅଣ କୁଶଳୀ ଶ୍ରମିକମାନେ ସମସ୍ତ ସହର ମାନଙ୍କରେ ବିଦ୍ୟମାନ ଥିଲେ । ମହିଳାମାନେ ବର୍ତ୍ତମାନ ଶ୍ରମିକ ଗୋଷ୍ଠୀର ଏକ ଅଭିନ୍ନ ଅଂଗ ହେବା ସହିତ ନିଯୁକ୍ତି କ୍ଷେତ୍ରରେ ଅଂଶୀଦାର ହୋଇଥିଲେ ଯାହାକି ପୂର୍ବରୁ ନିଷିଦ୍ଧ ଥିଲା । ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ପରି ଔପନିବେଶକ ଦେଶମାନଙ୍କରେ ଏହିପ୍ରକାର ବ୍ୟବସ୍ଥା ବିଦ୍ୟମାନଥିଲା ପରବର୍ତ୍ତୀ କାଳରେ ଏମାନେ ସ୍ୱାଧୀନ ହୋଇଥିଲେ ।

## ୨୭.୪ ନଗର ତଥା ସମାଜିକ ଜୀବନ

ନଗର ତଥା ସମାଜିକ ଜୀବନ ଧନୀ ତଥା ଗରୀବଙ୍କ ମଧ୍ୟରେ ଥିବା ପ୍ରଭେଦକୁ ପ୍ରତିଫଳନ କରିଥିଲା । ଏମାନଙ୍କର ବାସସ୍ଥାନ ପୁରାପୁରି ଅଲଗା ସ୍ଥାନରେ ରହିବା ସହିତ ମିଳୁଥିବା ସୁବିଧା ସୁଯୋଗ ମଧ୍ୟ ପୁରାପୁରୀ ଭିନ୍ନ ଥିଲା । ବହୁ ମହାଲା ବିଶିଷ୍ଟ ପ୍ରାସାଦ, ଏବଂ ଷ୍ଟୋର, ବ୍ୟବସାୟୀଙ୍କ ମଲ, ପାର୍କ ତଥା କୃଷି ଶୋଭିତ ସମସ୍ତ ମାର୍ଗ ଇତ୍ୟାଦି ଅଧୁନିକ ନଗରୀର ରୂପରେଖକୁ ବଦଳାଇବା ସହିତ, ଜନସଂଖ୍ୟା, ଦୁର୍ଗନ୍ଧ ନାଳ ନର୍ଦ୍ଦମା, ଝୁମ୍ପୁଡ଼ିପଟି, ଦୁଇ ତିନି ପରିବାରର ଏକ କୋଠରୀରେ ଅବସ୍ଥାନ ମଧ୍ୟ ବିଦ୍ୟମାନ ହୋଇଥାଏ । ଉକ୍ତ ବ୍ୟବସ୍ଥା ଏବେ ମଧ୍ୟ ବିଶ୍ୱର ବିଭିନ୍ନ ସହରର ଦୃଷ୍ଟିଗୋଚର ହୁଏ । ବେକାରୀ ସମସ୍ୟା ଏବେ ଏକ ଗମ୍ଭୀର ସମସ୍ୟା ହୋଇଅଛି ।

## ୨୭.୫ ପରିବାର

ପୁଞ୍ଜିବାଦୀ ଔଦ୍ୟୋଗୀକରଣ ଦ୍ୱାରା ଏକକ ତଥା ଯୌଥ ପରିବାରରେ ଏକ ବିଶିଷ୍ଟ ପରିବର୍ତ୍ତନ ଦେଖାଯାଇଛି । ଆର୍ଥିକ ଅଗ୍ରଗତି ପୂର୍ବରୁ ଗୃହସ୍ତିର ଅର୍ଥ ଥିଲା ଯେ କୌଣସି ପାରିବାରିକ ଉତ୍ସବ ତଥା ଶ୍ରମରେ କୌଣସି ପ୍ରକାରେ ଅନ୍ତର ନ ଦେଖିବା ଯଦିଓ ପୁରୁଷ ଓ ସ୍ତ୍ରୀମାନେ କୌଣସି ମହତ୍ୱପୂର୍ଣ୍ଣ କାର୍ଯ୍ୟକୁ ଅଲଗା ଅଲଗାଢ଼ଙ୍ଗରେ କରୁଥିଲେ ।

ପୁଞ୍ଜିବାଦୀ ଔଦ୍ୟେଗୀକରଣରେ ପରିବାର ଉତ୍ପାଦନର ଏକ ଅଙ୍ଗ ନ ହୋଇ ଉପଭୋଗର ଏକ ବିଶିଷ୍ଟ ଅଙ୍ଗ ହୋଇଥିଲା । ଉତ୍ପାଦକ ତଥା କାରଖାନାର ବୃଦ୍ଧି ଶ୍ରମ ମୂଲ୍ୟ ବା ମଜୁରୀକୁ ଜନ୍ମ ଦେଇଥିଲା ଯେଉଁଥିରେକି ପରିବାରର ପ୍ରତ୍ୟେକ ଲୋକ ପୃଥକ ପୃଥକ ଭାବେ ମଜୁରୀ ପାଉଥିଲେ । ମଧ୍ୟବିତ୍ତ ଶ୍ରେଣୀର ମାନସିକତାର ପ୍ରାଧାନ୍ୟତା ହେତୁ ଏକ ବ୍ୟକ୍ତି ବିଶେଷ ମଜୁରୀ ପାରିବାରିକ ଆୟ ବୋଲି ଧରାଯାଉଥିଲା କାରଣ ଏକ ବ୍ୟକ୍ତିଙ୍କ ଆୟରେ ସମଗ୍ର ପରିବାର ଚଳୁଥିଲେ ତଥା ମହିଳା ମାନଙ୍କ କାମ ମୁଖ୍ୟତ ଗୃହ ପରିଚାଳନା ତଥା ପିଲାମାନଙ୍କ ଯତ୍ନନେବାରେ ସୀମିତ ଥିଲା । ଏହା ସାଧାରଣତଃ ମଧ୍ୟବିତ୍ତ ମୂଲ୍ୟବୋଧ ଉପରେ ଆଧାରିତ ଥିଲା ଯେଉଁଥିରେ ସେମାନେ ଉତ୍ତମ କାମ କାର୍ଯ୍ୟ ଆଶା କରୁଥିଲେ କିନ୍ତୁ ଏହା ଶ୍ରମିକ ବର୍ଗପାଇଁ ପ୍ରଜୁଜ୍ୟ ନଥିଲା ।

ଶ୍ରମିକ ଶ୍ରେଣୀର ମହିଳାମାନେ ପୁରୁଷଙ୍କ ଭଳି ଶ୍ରମିକଥିଲେ । ବାସ୍ତବରେ କିଛି ଉଦ୍ୟୋଗ ମହିଳା ବା ଶିଶୁ ଶ୍ରମିକ ମାନଙ୍କୁ ଅଧିକ ପସନ୍ଦ କରୁଥିଲେ କାରଣ ସେମାନଙ୍କୁ କମ୍ ମଜୁରୀ ଦେବାକୁ ପଡ଼ିଥାଏ । ସମାନ କାମ ସମାନ ମଜୁରୀ ପ୍ରଥା ସମାଜରେ ମହିଳାମାନଙ୍କ ପାଇଁ ଲାଗୁ ହୋଇ ନଥିଲା ।

**ପ୍ରଥା ଅନୁସାରେ**

ଆଧୁନିକ ସଂସାରରେ ସାଧାରଣତଃ ମହିଳାମାନେ ଗୃହକାର୍ଯ୍ୟ କରିବା ସହିତ ଅର୍ଥ ଉତ୍ପାଦାନର ବୋଝ ମଧ୍ୟ ବହନ କରୁଛନ୍ତି । ଏଭଳି ପରିସ୍ଥିତି ସହିତ ସମସ୍ତେ ପରିଚିତ ଅଟନ୍ତି ।

### ପାଠ୍ୟକ୍ରମ ପ୍ରଶ୍ନ ୨୭.୨

୧. ପୁଞ୍ଜିବାଦୀ ଔଦ୍ୟେଗୀକରଣ ଦ୍ୱାରା କେଉଁ ଦୁଇ ଶ୍ରେଣୀର ସୃଷ୍ଟି ହେଲା ।

..............................................................................................



ଟିପ୍ପଣୀ



୨. ମଧ୍ୟବିତ୍ତ ଶ୍ରେଣୀ ସହିତ କେଉଁମାନେ ଜଡ଼ିତ ଥିଲେ ?

..............................................................................................

୩. ବୃହତ କାରଖାନା ପ୍ରତିଷ୍ଠାନ କିପରି ଶ୍ରମିକ ମାନଙ୍କୁ ପ୍ରଭାବିତ କରିଥିଲା ?

..............................................................................................

୪. ମହିଳା ମାନଙ୍କୁ ନିଯୁକ୍ତି ଦେବାରେ ପୁଞ୍ଜିବାଦୀ ଔଦ୍ୟୋଗୀକରଣ କି ପ୍ରଭାବ ପକାଇଥିଲା ?

..............................................................................................

## ୨୭.୬. ମହିଳାଙ୍କ ସମାନତା ତଥା ନାରୀବାଦ

ବିଂଶ ଶତାବ୍ଦୀର ଆର୍ଥୀକ ବିକାଶ ତଥା ସାକ୍ଷାରତା ଶ୍ରମିକ ତଥା ମଧ୍ୟବିତ୍ତ ଶ୍ରେଣୀର ମହିଳାଙ୍କପାଇଁ ନୂତନ ମାର୍ଗ ପ୍ରଦର୍ଶନ କରିଥିଲା । ଗୃହକର୍ମ ବ୍ୟତିତ ବର୍ତ୍ତମାନ ମହିଳାମାନେ ଦୋକନ ତଥା ଅଫିସରେ କାର୍ଯ୍ୟକଲେ । ନର୍ସ ତଥା ସ୍କୁଲ ଶିକ୍ଷୟିତ୍ରୀ ଆଦି ଚାକିରି ମହିଳାଙ୍କ ଅନୁକୁଳ ବୋଲି ଧରାଯାଏ । ଦୁଇ ବିଶ୍ୱଯୁଦ୍ଧରେ ବହୁସଂଖ୍ୟକ ପୁରୁଷମାନେ ଯୋଗଦେଇଥିବାରୁ ଉକ୍ତ ଶୂନ୍ୟ ସ୍ଥାନ ମାନଙ୍କରେ ବହୁ ସଂଖ୍ୟକ ମହିଳାମାନଙ୍କୁ ଯୋଗଦେବାରେ ସୁଯୋଗ ସୃଷ୍ଟି କରିଥିଲେ । ଏହି ସବୁ ନାରୀମାନଙ୍କର ସାମାଜିକ ସ୍ଥିତି ତଥା ଆଶା ଓ ଆକାଂକ୍ଷାରେ ଏକ ପରିବର୍ତ୍ତନ ଆଣିଥିଲି ।

ମଧ୍ୟବର୍ଗୀୟ ମହିଳାଙ୍କ ମତଦାନ ଅଧିକାରର ଦାବି ତାଙ୍କୁ ପୁରୁଷମାନଙ୍କ ସହିତ ସମାନ ଅଧିକାର ଇଚ୍ଛାର ଏକ ଜ୍ୱଳନ୍ତ ଉଦାହରଣ । ପଶ୍ଚିମ ଜଗତର ଶ୍ରମିକ ତଥା ସମାଜବାଦୀ ଆନ୍ଦୋଳନ ନାରୀମୁକ୍ତି ଆନ୍ଦୋଳନକୁ ଏକ ନୂତନ ଦିଗନ୍ତ ଦେଖାଇଥିଲା କାରଣ ଏହା ସମସ୍ତ ନିର୍ଯ୍ୟାତିତ ମାନଙ୍କପାଇଁ ଉଦିଷ୍ଟଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟଥିଲା ଏକ ବିରାଟ ସମାଜିକ ପରିବର୍ତ୍ତନ ଯେଉଁଥିରେ ମହିଳାଙ୍କ ସହିତ ସମସ୍ତେ ସମାନ ଅଧିକାର ପ୍ରାପ୍ତ ହେବେ । ଏଥିରେ ଅନୁପ୍ରାଣିତ ହୋଇ ବହୁ ସଂଖ୍ୟକ ମହିଳାମାନେ ସଂଘ ତଥା ସମାଜବାଦୀ ସଂଗଠନ ସହିତ ଜଡ଼ିତ ଥିଲେ ଯଦିଓ ନେତୃତ୍ୱ ନେବାରେ ଆଗଭର ହୋଇନଥିଲେ । ଉକ୍ତ ସଂଗଠନ ମାଧ୍ୟମରେ ସମାନ ଅଧିକାର ପାଇବାପାଇଁ ଚେଷ୍ଟାକରିବ । ଆନ୍ଦୋ ସହଜନଥିଲା ଏବଂ ସମାନ ମଜୁରୀ ସମ୍ଭବ ହେଲା ଯେତେବେଳେ ନାରୀଗଣ ତଥା ସମାଜବଦୀ ନେତୃବର୍ଗ ଏହାଉପରେ ଗୁରୁତ୍ୱ ଦେଲେ ।

ରୋଜା ଲକ୍ସମ୍ବର ଓ ବ୍ରେଟିକ୍ ୱେବ୍ ପ୍ରଖ୍ୟାତ ସମାଜବାଦୀ ନେତା ଥିଲେ । କୋଲେଟ୍ ଓ ସେଲ୍‌ସା ଲେଜରଲଫ୍ ମହତ୍ୱପୂର୍ଣ୍ଣ ଲେଖିକା ଥିଲେ । ବିଂଶାତାବ୍ଦୀର ପ୍ରାରମ୍ଭରେ ନାରୀମାନେ ୱିମ୍ବାଲଡ଼ନ୍, ଫ୍ରାନ୍‌ସିସି ଓ ଆମେରିକା ଓପନ୍ ଟେନିସ୍ ପ୍ରତିଯୋଗିତାରେ ଭାଗ ନେଇଥିଲେ । ମହିଳାମାନେ ପତ୍ରକରିତା ତଥା ଫଟୋଗ୍ରାଫି ପେସାରେ ଯୋଗ ଦେଇଥିଲେ ଏବଂ ତା ସହିତ ଡ଼ାକ୍ତର ଇଂଜିନିୟର ପଦବୀରେ ଭୂଷିତ ହୋଇଥିଲେ । ସୋଭିଏତ୍ ସଂଘର ବହୁସଂଖ୍ୟକ ମହିଳାମାନେ ଜନବହୁଳ ସଂଗଠନ ସଂସଦତଥା, ବୈଜ୍ଞାନିକ ସଂସ୍ଥାନରେ କାର୍ଯ୍ୟରତ ଥିଲେ ।

ରୁଷ୍‌ର ଶ୍ରମିକ ଆନ୍ଦୋଳନରେ ମହିଳା ତଥା କୃଷି ମହିଳାମାନଙ୍କର ଏକ ବିଶିଷ୍ଟ ଭୂମିକା ଥିଲା । ରୁଷ୍‌ରେ ତଥା ଉପନିବେଶ ବିରୋଧି ଆନ୍ଦୋଳନରେ ବହୁ ସଂଖ୍ୟାରରେ ଯୋଗଦେବା ପାଇଁ ମହିଳାମାନେ ଏକ ଉପଯୁକ୍ତ



ଟିପ୍ପଣୀ

ବାତାବରଣ ପାଇଥିଲେ । ଭାରତ ଏବଂ ଚୀନର ମୁକ୍ତି ସଂଗ୍ରାମରେ ନାରୀଶିକ୍ଷା ତଥା ଅନୁନ୍ନତ ସାମାଜିକ ବ୍ୟବସ୍ଥାକୁ ବିରୋଧ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା । ଉଭୟ ପୁରୁଷ ଓ ନାରୀମାନେ ଏହାକୁ ଅତି ତିବ୍ରଭାବରେ ପରିପ୍ରକାଶ କରି ଭାରତ ଏବଂ ଚୀନ୍‌ର ମହିଳାମାନେ ପୁରୁଷଙ୍କ ସହିତ ସମାନ ହିସାବରେ ମତଦାନ ଅଧିକାର ପାଇଥିଲେ । ୧୯୧୭ ମସିହା ଋଷ ବିପ୍ଳବ ପରେପରେ ଏହା ଋଷ ମହିଳାଙ୍କ ପାଇଁ ସମ୍ଭବ ହୋଇଥିଲା ।

୧୯୯୦ ବେଳକୁ ମହିଳାମାନେ ୧୯ଟି ଦେଶର ଶାସନ ଦାୟିତ୍ୱରେ ଅବସ୍ଥାପିତ ହୋଇଥିଲେ । ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା ଦେଶମାନଙ୍କର କର୍ମକ୍ଷେତ୍ରରେ ସେମାନଙ୍କ ସଂଖ୍ୟା ନାଟକୀୟ ଭାବେ ବୃଦ୍ଧି ପାଇଥିଲା । ମରୀଶସ୍ ଏହାର ଏକ ବଡ଼ ନମୁନା ଅଟେ । ଚୀନ୍ ତଥା ପୂର୍ବ ୟୁରୋପରେ ପ୍ରାୟ ଶତପ୍ରତିଶତ ମହିଳା କାର୍ଯ୍ୟରତ ଥିଲେ ।

ଏହିସବୁ ନାରୀମାନଙ୍କର ସମ ଅଧିକାରର ସଂଗ୍ରାମକୁ ପରିସମାପ୍ତି କରିନଥିଲା ପୃଥିବୀର ବିଭିନ୍ନ ସ୍ଥାନରେ ଏହା ପ୍ରଯୁଜ୍ୟ ହୋଇନଥିଲା । ୧୯୦୦ ପରବର୍ତ୍ତୀ ନୂତନ ଆର୍ଥୀକ ଉଦାର ନୀତି ବେରୋଜକାରୀକୁ ବଢ଼ାଇଥିଲା । ପୂର୍ବ ସମାଜବାଦୀ ରାଷ୍ଟ୍ରମାନଙ୍କ ସହିତ ସାରା ବିଶ୍ୱରେ ମହିଳାମାନେ ଅଣସାଂଗଠନିକ କ୍ଷେତ୍ରରେ ବିନା ଶ୍ରମିକ ଅଧିକାର ତଥା ନ୍ୟୁନତମ ମଜୁରୀହାର ବିନା କାମ କରିବାକୁ ବାଧ ହୋଇଥିଲେ । ଘରୋଇକାମ ମହିଳାଙ୍କୁ ନିଯୁକ୍ତି ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ।

ବିଂଶଶତାବ୍ଦୀର ଶେଷଦଶନ୍ଧିରେ ଶିଶୁକନ୍ୟାହତ୍ୟା ତଥା କନ୍ୟାଭ୍ରୁଣହତ୍ୟା ବହୁପରିମାଣରେ ବୃଦ୍ଧିପାଇଥିଲା । ଭାରତରେ ଯୌତୁକ ହତ୍ୟା ସଂଙ୍ଗେସଙ୍ଗେ ସାରା ପୃଥିବୀରେ ଗୃହହିଂସାର ବୃଦ୍ଧି ଘଟିଥିଲା ।

## ୨୭.୭ କର୍ମଶୈଳୀରେ ପରିବର୍ତ୍ତନ

ଇତିମଧ୍ୟରେ କାରଖାନା ପ୍ରଣାଳୀରେ ବିକାଶ ହେବା ସହିତ କର୍ମଧାରାରେ ମଧ୍ୟ ପରିବର୍ତ୍ତନ ଦେଖାଦେଇଥିଲା । ୟୁରୋପରେ ଏହା ଉନ୍ନବିଂଶ ଶତାବ୍ଦୀରେ ଦେଖାଦେବା ବେଳେ ବାକି ଦେଶ ମାନଙ୍କରେ ଏହା ବିଂଶ ଶତାବ୍ଦୀର ଘଟିଥିଲା । ଶ୍ରମିକର କାର୍ଯ୍ୟସ୍ଥଳୀଟି କାରଖାନା ହୋଇଯାଇଥିଲା । ତାକୁ ଏକ ନିର୍ଦ୍ଦିଷ୍ଟ ସମୟ ତାଲିକାକୁ ମାନି ଚଳିବାକୁ ପଡ଼ିଥିଲା ମହିଳା ଏବଂ ଶିଶୁ ଶ୍ରମିକ ମାନଙ୍କ ମଧ୍ୟ କାରଖାନାର ନିୟମ କାନୁନ୍‌କୁ ମାନି ଚଳିବାକୁ ପଡୁଥିଲା । ସେଠାରେ ବିସ୍ତୃତ ଭାବରେ କାରଖାନା ଶକ୍ତିଶୃଙ୍ଖଳା ତଥା ଆଇନକାନୁନର ବ୍ୟବସ୍ଥା ଥିଲା ଏବଂ ଶ୍ରମିକ ବଦଳରେ ମେସିନ୍ କାମର ସ୍ୱରୂପ ଓ ସ୍ଥାନ ନିର୍ଦ୍ଧାରଣ କରୁଥିଲା । ନୂତନ କାରିଗରୀ କୌଶଳର ପ୍ରଚଳନ ଦ୍ୱାରା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଶ୍ରମିକମାନେ ଦାରିଦ୍ର୍ୟ ଓ ବେରୋଜକାରୀର ସମ୍ମୁଖୀନ ହେଉଥିଲେ । ସମୟସମୟରେ ସେମାନେ ନୂତନ ଦକ୍ଷତା ହାସଲ କରି ନିଜକୁ ନୂତନ ମେସିନ୍ ସହିତ ନିୟୋଜିତ କରୁଥିଲେ ।

ଶତାବ୍ଦୀର ପରବର୍ତ୍ତୀ ସମୟରେ କାର୍ଯ୍ୟସ୍ଥଳରେ ଏକ ପ୍ରକାର ପରିବର୍ତ୍ତନ ଦେଖାଦେଇଥିଲା । ପାଶ୍ଚତ୍ୟ ଦେଶର କିଛି ବଡ଼ବଡ଼ କମ୍ପାନୀ ଜାଣିବାକୁ ପାଇଲେ ଯେ ଘରେ ବସି କମ୍ପ୍ୟୁଟର ଦ୍ୱାରା ବିନା ଅଫିସ୍ ଖର୍ଚ୍ଚରେ କାର୍ଯ୍ୟକରିବା ସମ୍ଭବ । ଉକ୍ତ ପରିବର୍ତ୍ତନ କର୍ମଚାରୀମାନଙ୍କୁ ସୁବିଧା ଯୋଗାଇଥିଲା କିନ୍ତୁ ପ୍ରକୃତରେ କର୍ମଚାରୀମାନେ କାମରୁ ମୁକ୍ତ ହୋଇ ପାରୁନଥିଲେ ବା ଛୁଟି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦାବି କରିପାରୁନଥିଲେ କାରଣ ଏମାନେ ଅଫସରେ କାମ କରୁନଥିଲେ ଏବଂ ଶ୍ରମିକ ସଂଗଠନ ଗଢ଼ିବା ତଥା ଅନ୍ୟ କର୍ମଚାରୀଙ୍କ ସହିତ ନିଜ ମନରେ ଥିବା ଆପତ୍ତି ଅଭିଯୋଗ ବ୍ୟକ୍ତ କରିବାର ସୁଯୋଗ ପାଉନଥିଲେ ।



ଟିପ୍ପଣୀ

ନୂତନ ସଫ୍ଟଓୟାର୍ (Softwere) କର୍ମଚାରୀଙ୍କ କାମ ତଥା କର୍ମସମୟକୁ ଅତି ନିକଟରୁ କମ୍ପ୍ୟୁଟର ଦ୍ୱାରା ପର୍ଯ୍ୟବେକ୍ଷଣ କରିବାର ସୁଯୋଗ ମାଲିକକୁ ଦେଇଥିଲା ତୁମ୍ଭେମାନେ ଖବର କାଗଜରୁ ଜାଣିଥିବ ଯେ ଛତୁ ଫୁଟିବା ଭଳି ଗଢ଼ି ଉଠିଥିବା (BPO) ବିପିଓ ତଥା କଲ୍ ସେଣ୍ଟର (Call centre)ରେ କର୍ମରତ ଲୋକଙ୍କର ଦୁରବସ୍ଥା ।

ଅନ୍ୟ ଏକପ୍ରକାର ପରିବର୍ତ୍ତନ ଆଉଟ୍ ସୋରସିଂ ଦ୍ୱାର ଦେଖାଦେଇଛି । ବହୁଊ ରାଷ୍ଟ୍ରୀୟ କମ୍ପାନୀମାନେ ତାଙ୍କର କିଛି କାମକୁ କମ୍ ମଜୁରୀ ଥିବା ତୃତୀୟରାଷ୍ଟ୍ର ଦେଶମାନଙ୍କ ଉପରେ ନ୍ୟସ୍ତ କରୁଛନ୍ତି । ଏଥି ସହିତ ଉକ୍ତ ସରକାରଙ୍କ ଉପରେ ଟିକସ ସୁବିଧା ଓ ସୁରକ୍ଷାପାଇଁ ପ୍ରର୍ବତ୍ତାଉଛନ୍ତି । ଏହାଦ୍ୱାରା ପାଶ୍ଚାତ୍ୟଦେଶ ମାନଙ୍କରେ ବେରୋଜଗାରୀ ଦେଖାଯିବା ସହିତ ତୃତୀୟ ବିଶ୍ୱ ଦେଶଗୁଡ଼ିକ ନିଜ ଲୋକଙ୍କ ପାଇଁ ପ୍ରତିକୁଳ ପରିସ୍ଥିତି ମଧ୍ୟରେ କିଛି ନିଯୁକ୍ତି ପାଉଛନ୍ତି ।

ବୃହତ ରାଷ୍ଟ୍ରୀୟ କମ୍ପାନୀମାନେ ଛୋଟ ଦୋକାନଦାରମାନଙ୍କୁ ଡ଼ାକି ଆଣି ନିଜ କାମକୁ ଠିକା ଆକାରରେ ଦେଉଛନ୍ତି । ଯାହାର ଅର୍ଥହେଲା ଉତ୍ପାଦାନ ଘରେ ହିଁ ହେଉଅଛି । ଏହି ପରିସ୍ଥିତିରେ ବେତନ କମ୍‌ଥିବାରୁ ଶ୍ରମିକମାନେ ଶୋଷିତ ହେଉଥିଲେ । ତୃତୀୟ ରାଷ୍ଟ୍ରୀୟ ଦେଶମାନଙ୍କରେ ଏପ୍ରକାର କାର୍ଯ୍ୟ ଦୃତ ଗତିରେ ବୃଦ୍ଧି ପାଇବାରେ ଲାଗିଛି ଯେଉଁ ଥିରେ କି ମୁଖ୍ୟତଃ ମହିଳାମାନେ ଉକ୍ତ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି ।

**ପାଠଗତ ପ୍ରଶ୍ନ ୨୭.୩**

୧. ବିଂଶଶତାବ୍ଦୀରେ କିପ୍ରକାର ଚାକିରୀରେ ମହିଳାମାନେ ନିଯୁକ୍ତି ପାଉଥିଲେ ।

......................................................................................

୨. ଉନ୍ନବିଂଶାତାବ୍ଦୀର ଶେଷଦଶକରେ ହୋଇଥିବା ନୂତନ ଉଦାର ଅର୍ଥନୀତି କିପରି ଭାବେ ମହିଳାମାନଙ୍କୁ ପ୍ରଭାବିତ କରିଥିଲା ।

......................................................................................

୩. କାରଖାନା ବ୍ୟବସ୍ଥା କାର୍ଯ୍ୟସ୍ଥଳରେ କି ପ୍ରକାର ପରିବର୍ତ୍ତନ ଆଣିଥିଲା ।

......................................................................................

୪. ଆଉଟ୍ ସୋର୍ସିଂ ଦ୍ୱାରା ଆସିଥିବା ପରିବର୍ତ୍ତନର ବାଖ୍ୟାକର ।

......................................................................................

## ୨୭.୮ ସାମାଜିକ ଓ ରାଜନୈତିକ ସଂଗଠନ ।

ବିଂଶାତାବ୍ଦୀରେ ସାମାଜିକ ତଥା ରାଜନୈତିକ ସଂଗଠନର ସଂଖ୍ୟା ଉଲ୍ଲେଖଯୋଗ୍ୟ ଭାବେ ବୃଦ୍ଧି ପାଇଥିଲା । ରାଜନୈତିକ ଦଳ ତଥା ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସଂଗଠନ ବ୍ୟତିତ ମହିଳା, ଛାତ୍ର ଓ ଲେଖକ ସଂଗଠନ ସହିତ ବର୍ତ୍ତମାନ ସମସ୍ତ ପ୍ରକାର ମତବାଦୀ ଏବଂ ଆଶାବାଦୀ ସଂଗଠନ ଗୁଡ଼ିକ ପ୍ରତିଫଳିତ ହୋଇଥିଲା ସେଗୁଡ଼ିକ ଶିକ୍ଷା, ଜନସ୍ୱାସ୍ଥ୍ୟ, ସଂଖ୍ୟାଲଘୁ ଅଧିକାର, ମାନବ ଅଧିକାର, ଶନ୍ତି ଆନ୍ଦୋଳନ, ସଂସ୍କୃତି, ସମଲିଙ୍ଗୀକ ଅଧିକାର, ପର୍ଯ୍ୟାବରଣ ତଥା ସଂରକ୍ଷଣ, ରଣ ତଥା ନିଜ କାମ ନିଜେ କରିବା ଉପରେ ଆଧାରିତି ଥିଲା । ଜୀବନ ସହିତ ଜଡ଼ିତ ପ୍ରାୟ ସମସ୍ତ ଦିଗ ଏଥିରେ ସାମିଲ ହୋଇଥିଲା ।



ଟିପ୍ପଣୀ

## ୨୭.୯ ପୁଞ୍ଜିବାଦ, ସମାଜବାଦ ଏବଂ ଅସମାନତା

ବିଂଶ ।ତାବ୍ଦୀର ବୈଷୟିକ ତଥା ବୈଜ୍ଞାନିକ ସଫଳତା ମାନବ ଜଗତକୁ ମହାନ ପ୍ରଗତି ପଥରେ ନେଇ ଲାଭବାନ କରିଥିଲା । ସାରବିଶ୍ୱ ଜନସଂଖ୍ୟାର ଦାୟିତ୍ୱ ବହନକରି ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବାର ସମ୍ଭାବନା ମଧ୍ୟ ଦେଖାଯାଇଛି କିନ୍ତୁ ବିଶ୍ୱକରଣ ଏବଂ ଆର୍ଥିକ ମାନଦଣ୍ଡ ଗରିବ ତଥାଧନୀ ମଧ୍ୟରେ ପାର୍ଥକ୍ୟକୁ ବୃଦ୍ଧି କରିବାରେ ଲାଗିଛି । ପୁଞ୍ଜିବାଦୀ ଦେଶରେଥିବା ଧନୀ ଓ ଦରୀଦ୍ରମଧ୍ୟରେ ପ୍ରଭେଦକୁ ଦୂରକରି ସମାଜବାଦୀ ରାଷ୍ଟ୍ର ତା'ର ଦୁର୍ବଳତା ସତ୍ତ୍ୱେ ଏକ ସାମ୍ୟବାଦ ସମାଜ ଗଠନରେ ସଫଳ ହୋଇଛନ୍ତି । ସୋଭିଏତ୍ ଋଷ୍ ତଥା ପୂର୍ବ ୟୁରୋପରେ ସମାଜବାଦର ପତନ ୟୁରୋପରେ ପୁଞ୍ଜିବାଦୀ ରାଷ୍ଟ୍ର ସମୁହ ପ୍ରଜା କଲ୍ୟାଣକାରି କାର୍ଯ୍ୟରେ ଖର୍ଚ୍ଚକାଟ କରିଛନ୍ତି । ଏହାର ପରିଣାମ ସ୍ୱରୂପ ଦାରିଦ୍ର୍ୟତା ବିଶ୍ୱର ଅଧିକାଂଶ ଲୋକଙ୍କୁ ଗ୍ରାସ କଲା ।

## ତୁମେ କ'ଣ ଶିଖିଲ

ଉକ୍ତ ଅଧ୍ୟାୟରେ ତୁମେ ପଢ଼ିଲ ଯେ ଉନବିଂଶ ଶତାବ୍ଦୀରେ ଆରମ୍ଭ ହୋଇଥିବା ସମାଜିକ ପ୍ରକ୍ରୀୟା ବିଂଶଶତାବ୍ଦୀରେ ଅଧିକ ତିବ୍ରତର ହୋଇଥିଲା । ଏଥିରେ ଜନସଂଖ୍ୟାରେ ପରିବର୍ତ୍ତନ, ସହରୀକରଣରେ ବୃଦ୍ଧି ତଥା ସହରୀଜୀବନ ଯାପନରେ ପରିବର୍ତ୍ତନ ଆଣିଥିଲା । ପୁଞ୍ଜୀବଦୀ ଔଦ୍ୟୋଗୀକରଣର ବିକାଶ ସହିତ ସାରା ବିଶ୍ୱରେ ଏକ ଆଧୁନିକ ଶ୍ରେଣୀର ସୃଷ୍ଟି କରିବା । ଏହାଦ୍ୱାରା  ଲୋକପ୍ରିୟ ଆନ୍ଦୋଳନ ଉତ୍ସାହିତ କରିବା ସହିତ ରାଜନୈତିକ ତଥା ସାମାଜିକ ସଂଗଠନକୁ ଜନ୍ମଦେଇଥିଲା ସଂଙ୍ଗେସଙ୍ଗେ ପରିବାର ତଥା କର୍ମ ଶୈଳୀରେ ପରିବର୍ତ୍ତନ ଆଣିଥିଲା ଲୋକଙ୍କ ପ୍ରତିନିଧିତ୍ୱ କରୁଥିଲା ।

ପୁଞ୍ଜିବାଦୀ ଔଦ୍ୟୋଗୀକରଣର ବିସ୍ତାର ବିଂଶଶତାବ୍ଦୀରେ ହେବାଦ୍ୱାରା ଦୃତ ପ୍ରଗତି ସମ୍ଭବ ହେବାସତ୍ତ୍ୱେ ସାରା ବିଶ୍ୱରେ ଅସମାନତାର ବୃଦ୍ଧି ଘଟାଇଥିଲା ।

## ପାଠଅନ୍ତ ପ୍ରଶ୍ନ

୧. ପଶ୍ଚିମ ୟୁରୋପ ଏବଂ ଉତ୍ତର ଆମେରିକାରେ ଜନସଂଖ୍ୟା ବୃଦ୍ଧିର ମୁଖ୍ୟ କାରଣମାନ ଉଲ୍ଲେଖ କର ।

୨. ଆଧୁନିକ ଶ୍ରେଣୀର ସମାଜ କହିଲେ କ'ଣ ବୁଝ ?

୩. ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କ ଉପରେ କୃଷି ସଂଙ୍କଟର ପ୍ରଭାବ ବର୍ଣ୍ଣନାକର ।

୪. ଧନୀ ଓ ନିର୍ଦ୍ଧନଙ୍କ ଜୀବନକୁ ନଗର କିପରିଭାବେ ପ୍ରତିଫଳନ କରେ ?

୫. ଶ୍ରମିକତଥା ସମାଜବାଦୀ ଆନ୍ଦୋଳନ ମହିଳାମାନଙ୍କୁ କିପରିଭାବେ ପ୍ରଭାବିତ କରିଥିଲା ।

୬. କମ୍ପ୍ୟୁଟର ଦ୍ୱାରା କାର୍ଯ୍ୟ ପଦ୍ଧତିରେ ହୋଇଥିବା ପରିବର୍ତ୍ତନ ଉଲ୍ଲେଖକର ।

୭. ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳ କିଭଳି ମାନବ ଜୀବନର ଉତ୍କର୍ଷସାଧନ କରିଥିଲା ତା'ର ଉଦାହରଣ ପ୍ରଦାନ କର ।

## ପାଠଗତ ପ୍ରଶ୍ନର ଉ

୧. ବହୁସଂଖ୍ୟାର ମୃତ୍ୟୁ, ଡ଼େରିରେ ବିବାହ, ପରିବାରିକ ଜୀବନରେ ଅସ୍ଥିରତା

୨. ନାଜୀ ନୀତି ଦ୍ୱାରା ଇହୁଦିମାନେ, ଅଳ୍ପସଂଖ୍ୟକ ଗୋଷ୍ଠୀ ଏବଂ ରାଜନୈତିକ ଅପରାଧୀମାନେ ଜର୍ମାନୀରୁ ପଳାୟନ କଲେ । ଯୁଦ୍ଧ ପରବର୍ତ୍ତୀ ପୁନଃର୍ବାସଦ୍ୱାରା ବହୁସଂଖ୍ୟକ ତୁର୍କି ଶ୍ରମିକମାନେ ଜର୍ମାନୀକୁ ଆସିଥିଲେ ।

୩. ଔଦ୍ୟୋଗୀକରଣ ତଥା ଆର୍ଥିକ ସୁବିଧା ପାଇଁ ଗ୍ରାମର ଲୋକମାନେ ସହରକୁ ପଳାୟନ କରୁଛନ୍ତି ।

୪. କଲିକତା, ଦିଲ୍ଲୀ, ମୁମ୍ବାଇ, ସାଂଘୋଇ, ନାଇରବି, ସିଓଲ, ବ୍ୟାଙ୍କକ୍

**୨୭.୨**

୧. ମଧ୍ୟବର୍ଗ, ଶ୍ରମିକ ବର୍ଗ

୨. ଉଦ୍ୟୋଗପତି, ବ୍ୟାଙ୍କ କର୍ମଚାରୀ, ଓକିଲ, ଶିକ୍ଷକ, ଏବଂ ଅନ୍ୟକର୍ମଚାରୀ ବର୍ଗ ।

୩. କିଛି ରୋଜଗାର କ୍ଷମ ହେଲେ, ଅନ୍ୟମାନେ ବେରୋଜଗାରିର ସମ୍ମୁଖୀନ୍ନ ହେଲେ କାରଖାନାର ମଜୁରୀ, ଶ୍ରମିକ ଶ୍ରେଣୀରେ ପରିବର୍ତ୍ତନ ହେଲା ।

୪. ଗୃହ ବାହାରେ ନିଯୁକ୍ତି, ଅସମାନ ବେତନ, କାରଖାନା ଅନୁଶାସନ.

**୨୭.୩**

୧. କାରଖାନରେ କାମ, ଶିକ୍ଷକ, କାର୍ଯ୍ୟାଳୟ ଓ ଦୋକାନ

୨. ବେରୋଜଗାରୀରେ ବୃଦ୍ଧି, ଅଣସଂଗଠିତ କ୍ଷେତ୍ର ଓ ଗୃହକର୍ମରେ ନିବେଶ ।

୩. ସ୍ଥାନ, ଢ଼ଙ୍ଗ, କାର୍ଯ୍ୟସମୟ, ଅନୁଶାସନ

୪ ବହୁରାଷ୍ଟ୍ରୀୟ କମ୍ପାନୀମାନେ ସେମାନଙ୍କ କାର୍ଯ୍ୟର କିଛି ଅଂଶକୁ ତୃତୀୟ ବିଶ୍ୱର ରାଷ୍ଟ୍ରମାନଙ୍କୁ ଅର୍ପଣକଲେ ଯେଉଁଠାରେ ମଜୁରୀ କମ୍‌ଥିଲା ଏଥିସହିତ ଉକ୍ତ ସରକାରଙ୍କ ଉପରେ ଟିକସ ସୁବିଧା ଓ ସୁରକ୍ଷା ପାଇଁ ଚାପ ପ୍ରୟୋଗ କରୁଥିଲେ ।

**ପଠନାନ୍ତେ ପ୍ରଶ୍ନର ସଂକେତ**

୧. ୨୭-୧ ଅନୁଚ୍ଛେଦ ୨ ଦେଖ ।

୨. ୨୭-୩ ଅନୁଚ୍ଛେଦ ୧ ଦେଖ ।

୩. ୨୭-୩ ଅନୁଚ୍ଛେଦ ୫ ଦେଖ ।

୪. ୨୭-୪ ଅନୁଚ୍ଛେଦ ୫ ଦେଖ ।

୫. ୨୭-୯ ଅନୁଚ୍ଛେଦ ୨ ଦେଖ ।

୬. ୨୭-୭ ଅନୁଚ୍ଛେଦ ୨ ଓ ୩ ଦେଖ ।

୭. ଉତ୍ତର ବିଷୟରେ ଚିନ୍ତାକର ।

୮. ଯାହା ଚିନ୍ତା କରୁଛ ଲେଖ ।